# REGIONAL MORNING BULLETIN

## 26 June 2017

## Morning Bulletin : 7.05pm.

### ରଥ

ରାଜ୍ୟର ସମସ୍ତ ସ୍ଥାନରେ ପ୍ରବଳ ଉତ୍ସାହ ଓ ଉଦ୍ଦୀପନା ମଧ୍ୟରେ ଶ୍ରୀଗୁଣ୍ଡିଚା ଯାତ୍ରା ଅନୁଷ୍ଠିତ ହୋଇଛି । ପାଗ ଅନୁକୂଳ ଥିଲେ ମଧ୍ୟ ଶ୍ରୀକ୍ଷେତ୍ର ପୁରୀରେ ତିନିରଥ ଗୁଣ୍ଡିଚା ଘର ନିକଟରେ ପହଂଚି ନଥିବା ଆମ ପୁରୀ ସମ୍ବାଦଦାତା ଜଣାଇଛନ୍ତି । ସନ୍ଧ୍ୟାସୁଦ୍ଧା ତାଳଧ୍ୱଜ ରଥ ପୁରୁଣା ମହିଳା ମହାବିଦ୍ୟାଳୟ ସମ୍ମୁଖରେ ଡାହାଣ କଡ଼କୁ ମାଡ଼ିଯିବାରୁ ସେଠାରେ ଅଟକି ରହିଛି । ସେହିପରି ଦର୍ପଦଳନ ରଥ ମାର୍କେଟ୍ ଛକ ଏବଂ ନନ୍ଦିଘୋଷ ରଥ ଜନତା ସିନେମା ହଲ୍ ପଛକୁ ଅଟକି ରହିଛି । ସନ୍ଧ୍ୟା ହୋଇଯିବାରୁ ରଥଟଣା ବନ୍ଦ କରି ଦିଆଯାଇଥିଲା । ଆଜି ସକାଳ ୮ଟା ବେଳେ ଅଟକି ରହିଥିବା ରଥଗୁଡ଼ିକୁ ପୁଣି ଟଣାଯାଇ ଗୁଣ୍ଡିଚା ମନ୍ଦିର ନିକଟକୁ ନିଆଯିବାର କାର୍ଯ୍ୟକ୍ରମ ରହିଛି ବୋଲ ଶ୍ରୀମନ୍ଦିର ପ୍ରଶାସନ ସୂତ୍ରରୁ ସୂଚନା ମିଳିଛି ।

ସେହିପରି କେନ୍ଦ୍ରାପଡ଼ା ତୁଳସୀକ୍ଷେତ୍ରରେ ମଧ୍ୟ ରଥଯାତ୍ରା ମହାଆଡ଼ମ୍ବରରେ ପାଳିତ ହୋଇଛି । ପରମ୍ପରା ଅନୁଯାୟୀ ଗତକାଲି ଅଳ୍ପବାଟ ପାଇଁ ରଥ ଟଣା ଯାଇଥିଲା । ଆଜି ସଂପୂର୍ଣ୍ଣ ରଥଟଣା କାର୍ଯ୍ୟ ସଂପନ୍ନ କରାଯିବ ବୋଲି ସ୍ଥିର ହୋଇଛି ।

ମହାପ୍ରଭୁ ଜଗନ୍ନାଥଙ୍କ ମାଧ୍ୟମରେ ଓଡ଼ିଆ ସଂସ୍କୃତି, ପରମ୍ପରା ଓ ଆତ୍ମସ୍ୱାଭିମାନର ବାର୍ତା ସମଗ୍ର ବିଶ୍ୱକୁ ପରିବ୍ୟାପ୍ତ ହୋଇଛି ବୋଲି କେନ୍ଦ୍ର ପେଟ୍ରୋଲିୟମ୍ ଓ ପ୍ରାକୃତିକ ଗ୍ୟାସ୍ ମନ୍ତ୍ରୀ ଧର୍ମେନ୍ଦ୍ର ପ୍ରଧାନ କହିଛନ୍ତି । ସେ ଗତକାଲି ନୂଆଦିଲ୍ଲୀସ୍ଥିତ ହୌଜଖାସ ଜଗନ୍ନାଥ ମନ୍ଦିର ପକ୍ଷରୁ ଆୟୋଜିତ ରଥଯାତ୍ରାରେ ଯୋଗଦେଇ ଦେଶର ଉନ୍ନତି ସହ ଓଡ଼ିଶାର ପ୍ରଗତି ଶୀର୍ଷରେ ପହଂଚୁ ବୋଲି ମହାପ୍ରଭୁ ଶ୍ରୀଜଗନ୍ନାଥଙ୍କ ଆଶୀର୍ବାଦ କାମନା କରିଥିଲେ । ସେହିପରି ନୂଆପଡ଼ା, କୋରାପୁଟ, ମାଲକାନଗିରି ଓ ରାଜ୍ୟର ଅନ୍ୟାନ୍ୟ ସ୍ଥାନରେ ରଥଯାତ୍ରା ସୁରୁଖୁରୁରେ ସଂପନ୍ନ ହୋଇଥିବା ଖବର ଆମର ହସ୍ତଗତ ହୋଇଛି ।

---

## ଇଦ୍

ଆଜି ଦେଶ ସମେତ ସମଗ୍ର ରାଜ୍ୟରେ ଇଦ୍‌ପର୍ବ ପାଳନ କରାଯାଉଛି । ମୁସଲମାନ ସଂପ୍ରଦାୟର ଭାଇଭଉଣୀମାନେ ଇଦକୁ ଅତ୍ୟନ୍ତ ଶ୍ରଦ୍ଧା, ଭକ୍ତି ଏବଂ ନିଷ୍ଠାର ସହ ପାଳନ କରିଥାନ୍ତି ।  ବାଲେଶ୍ୱର ଓ ଭଦ୍ରକରେ ଇଦ୍‌ର ଚାନ୍ଦ ଦର୍ଶନ କରିବା ପରେ ଚାନ୍ଦ କମିଟି ଇଦ୍‌ପାଳନ ନେଇ ଘୋଷଣା କରିଛି । ମୁସଲମାନ ସଂପ୍ରଦାୟର ଭାଇଭଉଣୀମାନେ ଦୀର୍ଘ ୩୦ ଦିନର ଉପବାସ ବା ରୋଜା ରଖିବା ପରେ ପବିତ୍ର ରମ୍‌ଜାନ ମାସର ଇଦ୍ ହେଉଛି ଶେଷ ଦିନ ।

## ମନ୍‌କୀ ବାତ୍

ସରକାରଙ୍କ ଇ-ମାର୍କେଟ୍ ପ୍ଲେସ୍ ଓ ଇ-ଜିଇଏମ୍ ୱେବ୍‌ସାଇଟ୍ ମାଧ୍ୟମରେ ନିଜନିଜର ଉତ୍ପାଦିତ ସାମଗ୍ରୀ ଓ ସେବା ବିକ୍ରୀ କରିବା ପାଇଁ ଜନସାଧାରଣଙ୍କୁ ପ୍ରଧାନମନ୍ତ୍ରୀ ଆହ୍ୱାନ କରିଛନ୍ତି । ଗତକାଲି ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦି ମାସିକ ରେଡିଓ କାର୍ଯ୍ୟକ୍ରମ ମନ୍ କି ବାତ୍ ମାଧ୍ୟମରେ ଦେଶବାସୀଙ୍କୁ ସମ୍ବୋଧିତ କରି କହିଛନ୍ତି ମୂଲ୍ୟ କମ୍ କରିବା, ଅଧିକ ସହଜ କରିବା ଓ ଦକ୍ଷତା ତଥା ସ୍ୱଚ୍ଛତା ଆଣିବା ଏହି ପୋର୍ଟାଲ୍‌ର ଲକ୍ଷ୍ୟ । ଇ-ଜିଇଏମ୍ ପୋଟାଲ୍ ହେଉଛି ଏକ ବିଚକ୍ଷଣ ମାଧ୍ୟମ ଏବଂ ଏହା ସର୍ବନିମ୍ନ ସରକାରୀ ଓ ସର୍ବାଧିକ ପ୍ରଶାସନର ଏକ ଜ୍ୱଳନ୍ତ ଉଦାହରଣ । ମୁଦ୍ରା ଯୋଜନା ଅଧୀନରେ ଋଣ ନେଇ ଏହି ପୋର୍ଟାଲ୍ ମାଧ୍ୟମରେ ବ୍ୟବସାୟ ଆରମ୍ଭ କରି ସଫଳତା ହାସଲ କରିଥିବା ତାମିଲନାଡୁ ମୁଦୁରାଇର ଜଣେ ମହିଳାଙ୍କ ବିଷୟରେ ସେ ଏହି ଅବସରରେ ଗୁରୁତ୍ୱାରୋପ କରିଛନ୍ତି ।

କଟକର ବିଭିନ୍ନ ମୁସଲମାନ ବସ୍ତିଗୁଡ଼ିକରେ ରଙ୍ଗବେରଙ୍ଗର ଆକର୍ଷଣୀୟ ସାଜସଜ୍ଜା ସହ ଘରେ ଘରେ ବିଭିନ୍ନ ପ୍ରକାର ସ୍ୱାଦିଷ୍ଟ ଭୋଜନ ମଧ୍ୟ ପ୍ରସ୍ତୁତି ଚାଲିଛି ।

ଭଦ୍ରକ ପୌରାଂଚଳର କୁଆଁସ ଇଦ୍‌ଗା, ଶଙ୍କରପୁରସ୍ଥିତ ପୁରୁଣା ବଜାର, ଧାମନଗର ସମେତ ଜିଲ୍ଲାର ବିଭିନ୍ନ ସ୍ଥାନରେ ଇଦ୍‌ଉଲ୍ ଫିତର୍ ପର୍ବ ପାଳନ ସକାଶେ ଜିଲ୍ଲା ପ୍ରଶାସନ ଓ ପୋଲିସ୍ ପକ୍ଷରୁ ବ୍ୟାପକ ସୁରକ୍ଷା

ବ୍ୟବସ୍ଥା ଗ୍ରହଣ କରାଯାଇଛି । ଜିଲ୍ଲାରେ ଥିବା ମସ୍‌ଜିଦ୍‌ଗୁଡ଼ିକରେ ସାମୂହିକ ପ୍ରାର୍ଥନା, ନମାଜ ପାଠ ହେବା ସହ ପରସ୍ପରକୁ ଇଦ୍ ଶୁଭେଚ୍ଛା ଜଣାଇବା ସହ ବନ୍ଧୁମିଳନ ଆୟୋଜିତ ହୋଇଛି ।

ପବିତ୍ର ଇଦ୍‌ଉଲ୍ ଫିତର ଅବସରରେ ରାଷ୍ଟ୍ରପତି ପ୍ରଣବ ମୁଖାର୍ଜୀ, ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦି ଦେଶବାସୀଙ୍କୁ ଶୁଭେଚ୍ଛା ଜଣାଇଥିବା ବେଳେ ରାଜ୍ୟପାଳ ଡକ୍ଟର ଏସ୍.ସି. ଜମୀର, ମୁଖ୍ୟମନ୍ତ୍ରୀ ନବୀନ ପଟ୍ଟନାୟକ ରାଜ୍ୟର ମୁସଲମାନ ସଂପ୍ରଦାୟଙ୍କୁ ଶୁଭେଚ୍ଛା ଓ ଅଭିନନ୍ଦନ ଜଣାଇଛନ୍ତି ।

---

## ମୋଦିଫେଷ୍ଟ୍

ରାଜ୍ୟରେ ଚାଲିଥିବା ମୋଦି ଫେଷ୍ଟ୍‌ର ଅନ୍ତିମ ପର୍ଯ୍ୟାୟ ଗତକାଲି ଶେଷ ହୋଇଛି । ରାୟଗଡ଼ା, ନବରଙ୍ଗପୁର ଓ କେନ୍ଦୁଝରଠାରେ ତିନିଦିନ ବ୍ୟାପି ଏହି କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଥିଲା । କେନ୍ଦ୍ର ସରକାରଙ୍କ ବିଭିନ୍ନ ଗରିବ ତଥା ଜନକଲ୍ୟାଣକାରୀ ଯୋଜନାରେ ଓଡ଼ିଶାକୁ ପ୍ରଧାନମନ୍ତ୍ରୀ ପ୍ରୟୋଗଶାଳାରେ ପରିଣତ କରିଥିବାବେଳେ ଏଥିରେ ନିଜକୁ ସାମିଲ କରି ବିକାଶପଥରେ ଦେଶକୁ ଆଗେଇ ନେବାକୁ ମୋଦିଫେଷ୍ଟ୍ ଅବସରରେ ଜନସାଧାରଣଙ୍କୁ ଆହ୍ୱାନ ଦିଆଯାଇଛି । ଏହି ସମସ୍ତ ଯୋଜନା ମାଧ୍ୟମରେ ଏକ ସ୍ୱପ୍ନର ଭାରତ ଗଢ଼ିବାର ପ୍ରୟାସ ଜାରି ରହିଛି ବୋଲି ନବରଙ୍ଗପୁର ଜିଲ୍ଲାରେ ମୋଦି ଫେଷ୍ଟ୍‌ର ଉଦ୍‌ଯାପନୀ ଅବସରରେ ବକ୍ତାମାନେ ମତ ପୋଷଣ କରିଛନ୍ତି ।

ସେହିପରି ରାୟଗଡ଼ାସ୍ଥିତ ତେଜସ୍ୱୀ ହୋଟେଲ୍ ପଡ଼ିଆରେ ଆୟୋଜିତ ମୋଦି ଫେଷ୍ଟ୍ ଉଦ୍‌ଯାପିତ ହୋଇଯାଇଛି । ତିନିଦିନ ଧରି ମୋଦି ସରକାରଙ୍କ ଜନହିତକାରୀ ଯୋଜନାକୁ ଲୋକାଭିମୁଖୀ କରିବା ଉଦ୍ଦେଶ୍ୟରେ ଗତକାଲି ମୋଦିଫେଷ୍ଟ କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଯାଇଛି । ଉଦ୍‌ଯାପନୀ ସନ୍ଧ୍ୟାରେ ମୁନିଗୁଡ଼ା ଜିଲ୍ଲାପରିଷଦ ସଭ୍ୟ ତଥା ଜିଲ୍ଲା ବିଜେପି ସାଧାରଣ ସଂପାଦକ ରାମଚନ୍ଦ୍ର ବେହେରା ମୁଖ୍ୟଅତିଥି ଭାବେ ଯୋଗଦେଇ କେନ୍ଦ୍ର ସରକାରଙ୍କ ବିଭିନ୍ନ ଜନକଲ୍ୟାଣକାରୀ ଯୋଜନା ଉପରେ ନିଜସ୍ୱ ବକ୍ତବ୍ୟ ରଖିବା ସହ ୩ ଦିନ ଧରି ଚାଲିଥିବା ସାଂସ୍କୃତିକ କାର୍ଯ୍ୟକ୍ରମରେ ଅଂଶ ଗ୍ରହଣ କରିଥିବା କୁନି ପିଲାମାନଙ୍କୁ ଟ୍ରଫି ସହ ପୁରସ୍କୃତ କରିଛନ୍ତି ।

ଏହିସବୁ କାର୍ଯ୍ୟକ୍ରମରେ କେନ୍ଦ୍ରୀୟ ଯୋଜନା ଓ ଏହାର ସଫଳ ରୂପାୟନ ସଂପର୍କରେ ପ୍ରଦର୍ଶନୀ ମାଧ୍ୟମରେ ଜନ ସଚେତନତା ସୃଷ୍ଟି କରାଯାଇଥିଲା ।